ଓଡ଼ିଶା ସରକାର

ଆଇନ ବିଭାଗ

# ଓଡ଼ିଶା ମୌଳିକ ଶିକ୍ଷା ଆଇନ, ୧୯୫୧

# THE ORISSA BASIC EDUCATION ACT, 1951

ସୁପରିଣ୍ଟେଣ୍ଡେଣ୍ଟ
ଗଭର୍ଣ୍ଣମେଣ୍ଟ ପ୍ରେସ, କଟକ
୧୯୭୨

[ମୂଲ୍ୟ—୧୮ ନୂଆ ପଇସା]

# ଓଡ଼ିଶା ମୌଳିକ ଶିକ୍ଷା ଆଇନ, ୧୯୬୧

## ସୂଚୀପତ୍ର


| | | |
|---|---|---|
| | | ପୃଷ୍ଠା |
| ୧ । | ସଂକ୍ଷିପ୍ତ ନାମ, ପରିସର ଓ ପ୍ରାରମ୍ଭ .. | ୧ |
| ୨ । | ସଂଜ୍ଞା .. | ୧ |
| ୩ । | ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ଼ ଗଠନ .. | ୨ |
| ୪ । | ସନ୍ତାନମାନଙ୍କର ମୌଳିକ କିମ୍ବା ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ହେବା ବିଷୟରେ ବିଜ୍ଞପ୍ତି ଜାରି । | ୩ |
| ୫ । | ବିଦ୍ୟାଳୟ କମିଟି ନିଯୁକ୍ତି .. | ୪ |
| ୬ । | ବିଦ୍ୟାଳୟରେ ସନ୍ତାନମାନଙ୍କର ଉପସ୍ଥିତିପାଇଁ ପିତା ବା ମାତାଙ୍କର କର୍ତ୍ତବ୍ୟ । | ୪ |
| ୭ । | ଯଥୋପଯୁକ୍ତ କାରଣର ଅର୍ଥ .. | ୪ |
| ୮ । | ମାଜିଷ୍ଟ୍ରେଟଙ୍କ ଦ୍ୱାରା ଉପସ୍ଥିତି ଆଦେଶ ଜାରି .. | ୪ |
| ୯ । | ଉପସ୍ଥିତି ଆଦେଶ ଅମାନ୍ୟପାଇଁ ଶାସ୍ତି .. | ୫ |
| ୧୦ । | ଆଇନ ଲଙ୍ଘନ କରି କୌଣସି ସନ୍ତାନକୁ କାର୍ଯ୍ୟରେ ନିଯୁକ୍ତ କରିବା ନିମିତ୍ତ ଶାସ୍ତି । | ୫ |
| ୧୧ । | ଖର୍ଚ୍ଚ କିପରି ବହନ କରାଯିବ .. | ୫ |
| ୧୨ । | ମୌଳିକ ଓ ପ୍ରାଥମିକ ଶିକ୍ଷା ଅବୈତନିକ ହେବ .. | ୬ |
| ୧୩ । | ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ପରିଦର୍ଶନ । | ୬ |
| ୧୪ । | ସ୍ଥାନୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ କମିଟିର କାର୍ଯ୍ୟ କରିବେ .. | ୬ |
| ୧୫ । | ଏପରି ଆଦେଶ ରଦ୍ଦ କରିବାପାଇଁ ରାଜ୍ୟସରକାରଙ୍କ କ୍ଷମତା .. | ୬ |
| ୧୬ । | ବିଦ୍ୟମାନ ପ୍ରାଥମିକ ବିଦ୍ୟାଳୟମାନଙ୍କ ପ୍ରତି ଏହି ଆଇନର ବ୍ୟବସ୍ଥା-ମାନଙ୍କର ପ୍ରୟୋଗ । | ୬ |

# ଓଡ଼ିଶା ମୌଳିକ ଶିକ୍ଷା ଆଇନ, ୧୯୬୧

## ସୂଚୀପତ୍ର


| | | ପୃଷ୍ଠା |
|---|---|---|
| ୧ । | ସଂକ୍ଷିପ୍ତ ନାମ, ପରିସର ଓ ପ୍ରାରମ୍ଭ .. | ୧ |
| ୨ । | ସଂଜ୍ଞା .. | ୧ |
| ୩ । | ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ଼ ଗଠନ .. | ୨ |
| ୪ । | ସନ୍ତାନମାନଙ୍କର ମୌଳିକ କିମ୍ବା ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ହେବା ବିଷୟରେ ବିଜ୍ଞପ୍ତି ଜାରି । | ୩ |
| ୫ । | ବିଦ୍ୟାଳୟ କମିଟି ନିଯୁକ୍ତି .. | ୪ |
| ୬ । | ବିଦ୍ୟାଳୟରେ ସନ୍ତାନମାନଙ୍କର ଉପସ୍ଥିତିପାଇଁ ପିତା ବା ମାତାଙ୍କର କର୍ତ୍ତବ୍ୟ । | ୪ |
| ୭ । | ଯଥାଯୁକ୍ତ କାରଣର ଅର୍ଥ .. | ୪ |
| ୮ । | ମାଜିଷ୍ଟ୍ରେଟଙ୍କ ଦ୍ୱାରା ଉପସ୍ଥିତି ଆଦେଶ ଜାରି .. | ୪ |
| ୯ । | ଉପସ୍ଥିତି ଆଦେଶ ଅମାନ୍ୟପାଇଁ ଶାସ୍ତି .. | ୫ |
| ୧୦ । | ଆଇନ ଲଙ୍ଘନ କରି କୌଣସି ସନ୍ତାନକୁ କାର୍ଯ୍ୟରେ ନିଯୁକ୍ତ କରିବା ନିମିତ୍ତ ଶାସ୍ତି । | ୫ |
| ୧୧ । | ଖର୍ଚ୍ଚ କିପରି ବହନ କରାଯିବ .. | ୫ |
| ୧୨ । | ମୌଳିକ ଓ ପ୍ରାଥମିକ ଶିକ୍ଷା ଅବୈତନିକ ହେବ .. | ୬ |
| ୧୩ । | ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ପରିଦର୍ଶନ । | ୬ |
| ୧୪ । | ସ୍ଥାନୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ କମିଟିର କାର୍ଯ୍ୟ କରିବେ .. | ୬ |
| ୧୫ । | ଏପରି ଆଦେଶ ରଦ୍ଦ କରିବାପାଇଁ ରାଜ୍ୟସରକାରଙ୍କ କ୍ଷମତା .. | ୬ |
| ୧୬ । | ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟମାନଙ୍କ ପ୍ରତି ଏହି ଆଇନର ବ୍ୟବସ୍ଥାମାନଙ୍କର ପ୍ରୟୋଗ । | ୬ |

| | |
|---|---|
| | ପୃଷ୍ଠା |
| ୧୬-କ । ଓଡ଼ିଶା ପ୍ରାଥମିକ ଓ ମୌଳିକ ବିଦ୍ୟାଳୟ ଶିକ୍ଷକ ଭବିଷ୍ୟ-ନିଧି ଗଠନ ଓ ନିୟମ ପ୍ରଣୟନ କ୍ଷମତା | ୬ |
| ୧୭ । ନିୟମ ପ୍ରଣୟନ କ୍ଷମତା .. | ୭ |
| ୧୮ । ଆଇନର କାର୍ଯ୍ୟକାରିତାରେ ଅସୁବିଧା ଦୂରୀକରଣ .. | ୭ |

# ୧୯୫୧ର ୧୮ଶ ଓଡ଼ିଶା ଆଇନ

# ଓଡ଼ିଶା ମୌଳିକ ଶିକ୍ଷା ଆଇନ, ୧୯୫୧

ଓଡ଼ିଶା ରାଜ୍ୟରେ ମୌଳିକ ଶିକ୍ଷାର ଉନ୍ନତତର ବ୍ୟବସ୍ଥା କରିବା ନିମିତ୍ତ ଆଇନ ।

ଏଥିପରେ ଉଲ୍ଲିଖିତ ହୋଇଥିବା ମତେ ଓଡ଼ିଶା ରାଜ୍ୟରେ ମୌଳିକ ଶିକ୍ଷାର ଉନ୍ନତତର ବ୍ୟବସ୍ଥା କରିବା ଆବଶ୍ୟକ ହେଉଥିବା ଦୃଷ୍ଟେ;

ଏତଦ୍ଦ୍ୱାରା ନିମ୍ନୋକ୍ତ ପ୍ରକାରେ ଆଇନ ପ୍ରଣୟନ କରାଗଲା:—

ସଂକ୍ଷିପ୍ତ ନାମ, ପରିସର ଓ ପ୍ରାରମ୍ଭ ।

୧ । (୧) ଏହି ଆଇନ ଓଡ଼ିଶା ମୌଳିକ ଶିକ୍ଷା ଆଇନ, ୧୯୫୧ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ପ୍ରଯୁଜ୍ୟ ହେବ ।

(୩) ଏହି ଧାରା ଓ ଧାରା ୧୭ (କ) ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହେବ ଏବଂ ଏହି ଆଇନର ଅନ୍ୟାନ୍ୟ ବ୍ୟବସ୍ଥା ରାଜ୍ୟସରକାର ବିଜ୍ଞପ୍ତି ଦ୍ୱାରା ଯେଉଁ ଅଞ୍ଚଳ ବା ଅଞ୍ଚଳମାନଙ୍କ ପ୍ରତି ଯେଉଁ ତାରିଖ ବା ତାରିଖମାନଙ୍କଠାରୁ କାର୍ଯ୍ୟକାରୀ ହେବ ବୋଲି ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଦେଶ ଦେବେ ତଦନୁଯାୟୀ କାର୍ଯ୍ୟକାରୀ ହେବ ।

ସଂଜ୍ଞା

୨ । ବିଷୟଗତ ବା ପ୍ରସଙ୍ଗଗତ କୌଣସି ଅସଙ୍ଗତି ନ ଥିଲେ ଏହି ଆଇନରେ—

(୧) ସ୍ୱୀକୃତିପ୍ରାପ୍ତ ମୌଳିକ ବିଦ୍ୟାଳୟରେ 'ଉପସ୍ଥିତ ହେବା' ଅର୍ଥ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ବା ଓଡ଼ିଶାର ମୌଳିକ ଶିକ୍ଷାବୋର୍ଡ ଦ୍ୱାରା, ଯଥାସ୍ଥିତି, ଯେପରି ନିର୍ଦ୍ଧାରିତ ହେବ, ସେହିମତେ ବର୍ଷ ମଧ୍ୟରେ ସେତିକି ଦିନ ଏବଂ ସେହି ଦିନମାନଙ୍କରେ ଓ ପ୍ରତ୍ୟେକ ଦିନ ସେହି ସମୟରେ ବା ସମୟମାନଙ୍କରେ ଶିକ୍ଷା ନିମିତ୍ତ ସେହି ବିଦ୍ୟାଳୟରେ ଉପସ୍ଥିତ ହେବା ;

(୨) 'ମୌଳିକ ଶିକ୍ଷା'ର ଅର୍ଥ ରାଜ୍ୟସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ସ୍ୱୀକୃତିପ୍ରାପ୍ତ ହୋଇଥିବା ମତେ ଶିକ୍ଷାକୁ ସ୍ୱାବଲମ୍ବୀ କରାଇବା ଓ ଶ୍ରମ ମର୍ଯ୍ୟାଦାର ପ୍ରକୃତ ଜ୍ଞାନ ଛାତ୍ରମାନଙ୍କର ହୃଦୟଙ୍ଗମ କରାଇବା ଉଦ୍ଦେଶ୍ୟରେ ସେମାନେ ବାସ କରୁଥିବା ସ୍ଥାନୀୟ ପରିବେଷ୍ଟନୀ ମଧ୍ୟରେ ଲାଭଜନକ ହସ୍ତଶିଳ୍ପ ଜରିଆରେ ବ୍ୟବସ୍ଥା ହୋଇଥିବା ସର୍ବାଙ୍ଗୀନ ଶିକ୍ଷାପଦ୍ଧତି ;

(ଗ) 'ଶିଶୁ' ଅର୍ଥ ଛ' ବର୍ଷରୁ କମ୍ ଏବଂ ଦଶବର୍ଷରୁ ଅଧିକ ହୋଇ ନ ଥିବା ବାଳକ ବା ବାଳିକା, ଯାହାଙ୍କୁ ସ୍କୁଲ ବିଶେଷରେ ପ୍ରାଥମିକ ଶିକ୍ଷା ବା ମୌଳିକ ଶିକ୍ଷା ଦିଆଯିବ; ଏବଂ ରାଜ୍ୟସରକାରଙ୍କ ଦ୍ୱାରା ମୌଳିକ ଶିକ୍ଷା ନିମିତ୍ତ ବିଶେଷଭାବରେ ବିଜ୍ଞାପିତ ସ୍ଥାନୀୟ ଅଞ୍ଚଳରେ ଛ' ବର୍ଷରୁ କମ୍ ଏବଂ ଚଉଦ ବର୍ଷରୁ ଅଧିକ ହୋଇ ନ ଥିବା କୌଣସି ବାଳକ ଏହାର ଅନ୍ତର୍ଗତ ;

(ଘ) 'ପିତା ବା ମାତା' ଅଭିଭାବକ ଏବଂ ଅନ୍ୟ ଯେଉଁ ବ୍ୟକ୍ତି ଶିଶୁର ଭରଣପୋଷଣ ନିମିତ୍ତ ଦାୟୀ ହୋଇଥିବେ କିମ୍ବା ଶିଶୁ ଯାହାଙ୍କର ପ୍ରକୃତ ତତ୍ତ୍ୱାବଧାନରେ ଥିବ ସେହି ବ୍ୟକ୍ତି 'ପିତା ବା ମାତା' ଶ୍ରେଣୀର ଅନ୍ତର୍ଗତ ହେବେ;

(ଙ) 'ନିର୍ଦ୍ଧାରିତ'ର ଅର୍ଥ—ଏହି ଆଇନାନୁଯାୟୀ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ;

(ଚ) 'ପ୍ରାଥମିକ ଶିକ୍ଷା'ର ଅର୍ଥ—ଓଡ଼ିଶା ରାଜ୍ୟରେ ଆପାତତଃ ଦିଆଯାଉଥିବା ଶିକ୍ଷା;

(ଛ) ସ୍ୱୀକୃତି ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଅର୍ଥ ପ୍ରାଥମିକ ଶିକ୍ଷା ଦିଆଯାଉଥିବା ଏବଂ ନିର୍ଦ୍ଧାରିତ ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆପାତତଃ ସ୍ୱୀକୃତିପ୍ରାପ୍ତ ହୋଇଥିବା ବିଦ୍ୟାଳୟ;

(ଜ) 'ସ୍ୱୀକୃତିପ୍ରାପ୍ତ ମୌଳିକ ବିଦ୍ୟାଳୟ'ର ଅର୍ଥ—ମୌଳିକ ଶିକ୍ଷା ଦିଆଯାଉଥିବା ଏବଂ ଧାରା ୩ ଅନୁଯାୟୀ ଗଠିତ ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ଼ର ସ୍ୱୀକୃତି ପାଇଥିବା କିମ୍ବା ଉକ୍ତ ବୋର୍ଡ଼ ତରଫରୁ ଏଥିନିମନ୍ତେ ଯଥାବିଧି କ୍ଷମତାପ୍ରାପ୍ତ ହୋଇଥିବା ଓ ଜିଲ୍ଲା ସ୍କୁଲ ଇନ୍ସପେକ୍ଟର ପଦବୀରୁ ନ୍ୟୂନ ହୋଇ ନ ଥିବା ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗୀୟ ଅଫିସରଙ୍କ ସ୍ୱୀକୃତି ପାଇଥିବା ବିଦ୍ୟାଳୟ;

(ଝ) 'ବିଦ୍ୟାଳୟ କମିଟି'ର ଅର୍ଥ—ଏହି ଆଇନର ଧାରା ୭ ଅନୁଯାୟୀ ଗଠିତ କମିଟି;

ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ ଗଠନ ।

୩ । (୧) ଏହି ଆଇନ ଓ ତଦଧୀନ ପ୍ରଣୀତ ନିୟମାବଳୀଦ୍ୱାରା ପ୍ରଦତ୍ତ କ୍ଷମତାକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ସରକାର ବିଜ୍ଞପ୍ତିଦ୍ୱାରା ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ ନାମକ ଗୋଟିଏ ବୋର୍ଡ଼ ଗଠନ କରିପାରିବେ ଏବଂ ସେହି ପ୍ରକାରେ ଉକ୍ତ ବୋର୍ଡ ଗଠନରେ ପରିବର୍ତ୍ତନ କରିପାରିବେ ।

(୨) ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ ଗଠିତ ହେଲେ ତାହା ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷଣ ଆଇନ, ୧୯୪୮ ର ଉଦ୍ଦେଶ୍ୟ ନିମିତ୍ତ ସ୍ଥାନୀୟ କର୍ତ୍ତୃପକ୍ଷରୂପେ ବିବେଚିତ ହେବ ।

ସନ୍ତାନମାନଙ୍କର ମୌଳିକ କମ୍ବା ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ହେବା ବିଷୟରେ ବିଜ୍ଞପ୍ତି ଜାରି ।

୪ । (୧) ରାଜ୍ୟ ସରକାର ଅପାତତଃ ପ୍ରଚଳିତ ଆଇନ ଅନୁଯାୟୀ ଗଠିତ ଜିଲ୍ଲାବୋର୍ଡ, ମ୍ୟୁନିସିପାଲିଟି କମ୍ବା ଗ୍ରାମ ପଞ୍ଚାୟତ (ଏଥିପରେ ସ୍ଥାନୀୟ କର୍ତ୍ତୃପକ୍ଷ ଉଲ୍ଲିଖିତ)ର କ୍ଷେତ୍ରାଧିକାର ମଧ୍ୟରେ ଥିବା କୌଣସି ସ୍ଥାନୀୟ ଅଞ୍ଚଳରେ କମ୍ବା ସେହି ସ୍ଥାନୀୟ ଅଞ୍ଚଳର କୌଣସି ଭାଗରେ କମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କର କ୍ଷେତ୍ରାଧିକାରର ବାହାରେ ରାଜ୍ୟ ମଧ୍ୟରେ ଥିବା ଅନ୍ୟ କୌଣସି ସ୍ଥାନରେ ସାଧାରଣତଃ ବାସ କରୁଥିବା ଜିଲ୍ଲାମାନଙ୍କର ମୌଳିକ ଓ ପ୍ରାଥମିକ ଶିକ୍ଷା ବିଜ୍ଞପ୍ତି ଦ୍ୱାରା ତହିଁରେ ନିର୍ଦ୍ଦିଷ୍ଟ ଥିବା ତାରିଖଠାରୁ ବାଧ୍ୟତାମୂଳକ ହେବ ବୋଲି ଘୋଷଣ କରି ପାରିବେ । ଏରୂପ ସ୍ଥାନୀୟ ଅଞ୍ଚଳ ବା ସ୍ଥାନୀୟ ଅଞ୍ଚଳର କୌଣସି ଭାଗ ବା ସ୍ଥାନ ରାଜ୍ୟସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବିଜ୍ଞପିତ ହେଉଥିବ ।

(୨) (କ) ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଥିନିମିତ୍ତ ସ୍ୱତନ୍ତ୍ରଭାବରେ ଗୋଟିଏ ସାଧାରଣ ସଭା ଡକାଯାଇ ସେଥିରେ ଏପରି ସ୍ଥିର କରାଯାଇ ପ୍ରସ୍ତାବ ଗୃହୀତ ହୋଇଅଛି ଏବଂ ଉକ୍ତ ପ୍ରସ୍ତାବ ସେହି ସଭାରେ ଉପସ୍ଥିତ ଥିବା ସଭ୍ୟ ସଂଖ୍ୟାର ଅନ୍ୟୂନ ଦୁଇ ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ସମର୍ଥିତ ହୋଇଅଛି ବୋଲି ରାଜ୍ୟ ସରକାର ସନ୍ତୁଷ୍ଟ ନହେବା ପର୍ଯ୍ୟନ୍ତ ;

(ଖ) ସଂପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷ ବାଧ୍ୟତାମୂଳକ ମୌଳିକ ବା ପ୍ରାଥମିକଶିକ୍ଷା ପାଇଁ ତାଙ୍କ ଦ୍ୱାରା ପରିଚାଳିତ ବା ସାହାଯ୍ୟପ୍ରାପ୍ତ ବିଦ୍ୟାଳୟମାନଙ୍କ ନିମିତ୍ତ ପାଣ୍ଠି ପାଇଁ ଯଥେଷ୍ଟ ବ୍ୟବସ୍ଥା କରି ପାରିବା ଅବସ୍ଥାରେ ଅଛନ୍ତିବୋଲି ରାଜ୍ୟ ସରକାରଙ୍କୁ ସନ୍ତୁଷ୍ଟ ନ କରିବା ପର୍ଯ୍ୟନ୍ତ ;

(ଗ) କୌଣସି ସ୍ଥାନୀୟ ଅଞ୍ଚଳରେ, ସେହି ଅଞ୍ଚଳର କୌଣସି ଭାଗରେ ବା କୌଣସି ସ୍ଥାନରେ ଯଥେଷ୍ଟ କର୍ମଚାରୀ (staff) ଥାଇ ସ୍ୱୀକୃତପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ନଥିଲେ,

ରାଜ୍ୟ ସରକାରଙ୍କ ଦ୍ୱାରା ଏପରି କୌଣସି ବିଜ୍ଞପ୍ତି ପ୍ରକାଶକରାଯିବ ନାହିଁ ।

(୩) ଉପଦଫା (୧) ଅନୁଯାୟୀ ପ୍ରତ୍ୟେକ ବିଜ୍ଞପ୍ତି ଗେଜେଟରେ ପ୍ରକାଶିତ ହେବ ଏବଂ ତହିଁର ଖଣ୍ଡିଏ ନକଲ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅଫିସରେ ଏବଂ ରାଜ୍ୟ ସରକାର ଅନ୍ୟ ଯେଉଁ ସ୍ଥାନମାନଙ୍କରେ ଯେପରି ଭାବରେ ରଖିବାକୁ ନିର୍ଦ୍ଦେଶ ଦେବେ ସେହି ସ୍ଥାନମାନଙ୍କରେ ଓ ସେହିପରି ଭାବରେ ରଖାଯିବ ।

(୪) କୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଇଲାକା ମଧ୍ୟରେଥିବା କୌଣସି ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ବା ମୌଳିକଶିକ୍ଷା ବାଧ୍ୟତାମୂଳକ ହେବବୋଲି ରାଜ୍ୟ ସରକାର ଯେଉଁ ତାରିଖରେ ଉପଧାରା (୧) ଅନୁଯାୟୀ ବିଜ୍ଞପ୍ତି ଦ୍ୱାରା ଘୋଷଣା କରିବେ ସେହି ତାରିଖରୁ ଏବଂ ସେହି ତାରିଖଠାରୁ ଉକ୍ତ ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଆଇନର ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା ନିମିତ୍ତ ମୌଳିକ ବା ପ୍ରାଥମିକ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷରୂପେ ବିବେଚିତ ହେବେ :

ପରନ୍ତୁ, ରାଜ୍ୟ ସରକାର କୌଣସି କ୍ଷେତ୍ରରେ ସମୁଚିତ ମନେକଲେ, ଉପଧାରା (୧) ଅନୁଯାୟୀ ଘୋଷଣା କରାଯାଇଥିବା କୌଣସି ଅଞ୍ଚଳପାଇଁ ଓଡ଼ିଶାର ମୌଳିକ ଶିକ୍ଷାବୋର୍ଡ ମୌଳିକ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ରୂପେ କାର୍ଯ୍ୟ କରିବେବୋଲି ନିର୍ଦ୍ଦେଶ ଦେଇ ପାରିବେ ।

**ବିଦ୍ୟାଳୟ କମିଟି ନିଯୁକ୍ତି ।**

୫ । କୌଣସି ଅଞ୍ଚଳପ୍ରତି ଧାରା ୪ ଅନୁଯାୟୀ ବିଜ୍ଞପ୍ତି ଜାରି ହୋଇଥିଲେ ଏହି ଆଇନ ଅଧୀନରେ ପ୍ରଣୀତ ନିୟମାବଳୀ ଅନୁକ୍ରମେ ସ୍ଥାନୀୟ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳ କିମ୍ବା ଉକ୍ତ ଅଞ୍ଚଳର କୌଣସି ଅଂଶପାଇଁ ଗୋଟିଏ ବିଦ୍ୟାଳୟ କମିଟି ନିଯୁକ୍ତ କରିବେ ।

**ବିଦ୍ୟାଳୟରେ ସନ୍ତାନମାନଙ୍କର ଉପସ୍ଥିତି ପାଇଁ ପିତା ବା ମାତାଙ୍କର କର୍ତ୍ତବ୍ୟ ।**

୬ । ଧାରା ୪ ଅନୁଯାୟୀ କୌଣସି ଅଞ୍ଚଳରେ ବିଜ୍ଞପ୍ତି ବଳବତ୍ ଥିଲେ, ପ୍ରତ୍ୟେକ ସନ୍ତାନର ପିତା ବା ମାତା, ଏଥିପରେ ପ୍ରଦତ୍ତ ହୋଇଥିବା ମତେ ଯୁକ୍ତିଯୁକ୍ତ କାରଣ ନଥିଲେ, ଓ ଉକ୍ତ ସନ୍ତାନ ସେହି ଅଞ୍ଚଳରେ ସାଧାରଣତଃ ବାସ କରୁଥିଲେ, ତାହାକୁ ସେହି ଅଞ୍ଚଳରେ ଥିବା ସ୍ୱୀକୃତିପ୍ରାପ୍ତ ମୌଳିକ ବିଦ୍ୟାଳୟ ବା ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ହେବାପାଇଁ ପଠାଇବେ ।

**ଯୁକ୍ତିଯୁକ୍ତ କାରଣର ଅର୍ଥ ।**

୭ । ନିମ୍ନୋକ୍ତ କୌଣସି କାରଣରୁ ପିତା ବା ମାତା ତାଙ୍କର ସନ୍ତାନକୁ କୌଣସି ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ହେବାପାଇଁ ନ ପଠାଇଲେ ଧାରା ୬ର ଅର୍ଥାନୁଯାୟୀ ତାଙ୍କର ଯୁକ୍ତିଯୁକ୍ତ କାରଣ ଅଛି ବୋଲି ବିବେଚିତ ହେବ—

(କ) ଯଦି ଅସୁସ୍ଥତା, ଦୁର୍ବଳତା, ଘରୋଇ ଆବଶ୍ୟକତା, କୃଷିକର୍ମନିମିତ୍ତ ସାମୟିକ ଆବଶ୍ୟକତା ହେତୁ କିମ୍ବା ଅନ୍ୟ କୌଣସି ଯଥେଷ୍ଟ କାରଣହେତୁ ସନ୍ତାନ ବିଦ୍ୟାଳୟରେ ଉପସ୍ଥିତ ହେବାରୁ ନିବୃତ୍ତ ହୋଇଥାନ୍ତି ;

(ଖ) ଯଦି ସନ୍ତାନ ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟ ବ୍ୟତୀତ ଅନ୍ୟ ପ୍ରକାରରେ ଶିକ୍ଷା ପାଉଥିବେ ଯାହାକି ବିଦ୍ୟାଳୟ କମିଟି ମତରେ ଯଥେଷ୍ଟ ହୋଇଥିବ କିମ୍ବା ଯଦି ସେ ଇତିପୂର୍ବରୁ ମୌଳିକ ବା ପ୍ରାଥମିକ ଶିକ୍ଷା ଶେଷ କରିଥିବେ ।

(ଗ) ଯଦି ସନ୍ତାନର ବାସଗୃହଠାରୁ ନିକଟସ୍ଥ ରାସ୍ତାଦ୍ୱାରା ଏକ ମାଇଲ ମଧ୍ୟରେ କୌଣସି ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟ ନଥାଏ :

ପରନ୍ତୁ, କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ସମ୍ପର୍କରେ ରାଜ୍ୟସରକାର ଯେଉଁ ସମୟ ଉଚିତ ବିବେଚନା କରିବେ ସେହି ସମୟପାଇଁ ବିଜ୍ଞପ୍ତି ଦ୍ୱାରା ଏଥିପୂର୍ବରୁ ନିର୍ଦ୍ଧାରିତ ଦୂରତାକୁ ପରିବର୍ତ୍ତନ କରି ପାରିବେ :

ପୁନଶ୍ଚ, ସନ୍ତାନ ଯେଉଁ ଧର୍ମାବଲମ୍ବୀ ହୋଇଥିବେ, କୌଣସି ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ସେହି ଧର୍ମ ଭିନ୍ନ ଅନ୍ୟ କୌଣସି ଧର୍ମ ସମ୍ବନ୍ଧରେ ଧର୍ମ ଶିକ୍ଷା ନିମିତ୍ତ ଉପସ୍ଥିତି ବାଧ୍ୟତାମୂଳକ ହୋଇଥିଲେ, ସେହି ବିଦ୍ୟାଳୟରେ ତାଙ୍କୁ ଉପସ୍ଥିତ କରାଇବାପାଇଁ ତାଙ୍କର ପିତା ବା ମାତାଙ୍କୁ ବାଧ୍ୟ କରାଯିବ ନାହିଁ ।

**ମାତାପିତାଙ୍କ ଦ୍ୱାରା ଉପସ୍ଥିତି ଅବହେଳା ଜାରି**

୮ । (କ) ଯଦି ବିଦ୍ୟାଳୟ କମିଟି ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ପିତା ବା ମାତା ଧାରା ୬ର ବ୍ୟବସ୍ଥାନୁଯାୟୀ ସନ୍ତାନକୁ କୌଣସି ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ କରାଇବାପାଇଁ ବାଧ୍ୟଥିଲେ ବିଦ୍ୟାଳୟ

କମିଟିଙ୍କ ଦ୍ୱାରା କିମ୍ବା ତାଙ୍କର ନିର୍ଦ୍ଦେଶରେ ଯଥୋଚିତ ତାଗିଦ୍ ସତ୍ତ୍ୱେ ସନ୍ତାନଙ୍କୁ ସେହି ବିଦ୍ୟାଳୟରେ ଉପସ୍ଥିତ କରାଇ ନାହାନ୍ତି, ତାହା ହେଲେ ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ସନ୍ତାନଙ୍କୁ ଉପସ୍ଥିତ କରାଇବା ପାଇଁ ନିର୍ଦ୍ଦେଶ ଦେଇ ପିତା ବା ମାତାଙ୍କ ଉପରେ ଆଦେଶ ଜାରି କରିବା ନିମିତ୍ତ ବିଦ୍ୟାଳୟ କମିଟି ନିକଟତମ ମାଜିଷ୍ଟ୍ରେଟଙ୍କ ନିକଟରୁ ଦରଖାସ୍ତ କରି ପାରିବେ ଏବଂ ମାଜିଷ୍ଟ୍ରେଟ ସେହି ଦରଖାସ୍ତର ଶୁଣାଣି ପାଇଁ ଗୋଟିଏ ଦିନ ଧାର୍ଯ୍ୟ କରିବେ ଓ ସେହି ସମ୍ପର୍କରେ ସନ୍ତାନର ପିତା ବା ମାତାଙ୍କୁ ଗୋଟିଏ ନୋଟିସ ଦିଆଇବେ ।

(ଖ) ଦରଖାସ୍ତ ଶୁଣାଣି ପାଇଁ ଧାର୍ଯ୍ୟ ଦିବସରେ କିମ୍ବା ତାହା କୌଣସି ପରବର୍ତ୍ତୀ ଦିନକୁ ସ୍ଥଗିତ ରଖାଯାଇଥିଲେ ସେହି ପରବର୍ତ୍ତୀ ଦିବସରେ, ପିତା ବା ମାତାଙ୍କଠାରୁ କିମ୍ବା ମାଜିଷ୍ଟ୍ରେଟଙ୍କ ଅନୁମତିକ୍ରମେ ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ଶୁଣିଲାପରେ, ମାଜିଷ୍ଟ୍ରେଟ ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ପିତା ବା ମାତା ତାଙ୍କର ସନ୍ତାନଙ୍କୁ ଆଦେଶରେ ଉଲ୍ଲିଖିତ ତାରିଖ ଦିନ ଓ ସେହି ତାରିଖଠାରୁ ଉପସ୍ଥିତ କରାଇବା ପାଇଁ ନିର୍ଦ୍ଦେଶ ଦେଇ ତାଙ୍କୁ ଆଦେଶ ଦେବେ ।

ଉପସ୍ଥିତି ଆଦେଶ ଅମାନ୍ୟ ପାଇଁ ଶାସ୍ତି ।

୯ । (୧) ଯୁକ୍ତିଯୁକ୍ତ କାରଣ ନଥାଇ କୌଣସି ପିତା ବା ମାତା ଧାରା ୮ ଅନୁଯାୟୀ ହୋଇଥିବା ଆଦେଶ ପାଳନ କରିବାରେ ତ୍ରୁଟି କଲେ ସେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ ପ୍ରଥମଥର ଦୋଷ ସାବ୍ୟସ୍ତ ପାଇଁ ଦୁଇଟଙ୍କା ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ଦୋଷ ସାବ୍ୟସ୍ତ ପାଇଁ ଦଶଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡନୀୟ ହେବେ ।

(୨) ବିଦ୍ୟାଳୟ କମିଟି କିମ୍ବା ବିଦ୍ୟାଳୟକମିଟି ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ବ୍ୟକ୍ତିଙ୍କର ଆପତ୍ତି ବିନା କୌଣସି ଅଦାଲତ ଉପଧାରା (୧) ଅନୁଯାୟୀ କୌଣସି ଅପରାଧ ବିଚାର ନିମିତ୍ତ ଗ୍ରହଣ କରିବେ ନାହିଁ ।

ଆଇନ ଲଙ୍ଘନ କରି କୌଣସି ସନ୍ତାନଙ୍କୁ କାର୍ଯ୍ୟରେ ନିଯୁକ୍ତ କରିବା ନିମିତ୍ତ ଶାସ୍ତି ।

୧୦ । ଯଦି କୌଣସି ବ୍ୟକ୍ତି ଜାଣିଶୁଣି, ନିଜପାଇଁ ହେଉ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ତରଫରୁ ହେଉ, ଧାରା ୭ରେ ଥିବା ବ୍ୟବସ୍ଥାମାନ ପ୍ରଯୁଜ୍ୟ ହେଉଥିବା କୌଣସି ସନ୍ତାନଙ୍କୁ ଏପରି କୌଣସି କାର୍ଯ୍ୟରେ ନିଯୁକ୍ତ କରନ୍ତି, ଯଦ୍ଦ୍ୱାରା ସେ କୌଣସି ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ହୋଇ ପାରିବେ ନାହିଁ, ତାହାହେଲେ ଉକ୍ତ ବ୍ୟକ୍ତି ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ, ପଚାଶ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡରେ ଦଣ୍ଡନୀୟ ହେବେ ।

ଖର୍ଚ୍ଚ କିପରି ବହନ କରାଯିବ ।

୧୧ । ସ୍ୱୀକୃତ ପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟମାନଙ୍କର ପରିଚାଳନା ସଂପର୍କୀୟ ଖର୍ଚ୍ଚ, ଜିଲ୍ଲାବୋର୍ଡ଼ ହୋଇଥିଲେ, ଓଡ଼ିଶା ସ୍ଥାନୀୟ ଶାସନ ଆଇନ, ୧୯୫୦ ( Orissa Local Government Act, 1950 ) ର ଧାରା ୨୦୭ ଅନୁଯାୟୀ କିମ୍ବା ମ୍ୟୁନିସିପାଲିଟି ହୋଇଥିଲେ, ଓଡ଼ିଶା ମ୍ୟୁନିସିପାଲ

ଆଇନ, ୧୯୫୦ର ଧାରା ୩୨ ଅନୁଯାୟୀ ଗଠିତ ପ୍ରାଥମିକ ଶିକ୍ଷା ପାଣ୍ଠିରୁ ବହନ କରାଯିବ । ଗ୍ରାମପଞ୍ଚାୟତ ଗଠନ କରାଯାଇଥିବା କୌଣସି ସ୍ଥାନୀୟ ଅଞ୍ଚଳରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୪୮ର ଧାରା ୪୦ ଅନୁଯାୟୀ ଗଠିତ ଗ୍ରାମପାଣ୍ଠିରୁ ଖର୍ଚ୍ଚ ବହନ କରାଯିବ ।

ମୌଳିକ ଓ ପ୍ରାଥମିକ ଶିକ୍ଷା ଅବୈତନିକ ହେବ ।

୧୨ । ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ଅବୈତନିକ ହେବ ।

ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ପରିଦର୍ଶନ ।

୧୩ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ସମସ୍ତ ସ୍ୱୀକୃତିପ୍ରାପ୍ତ ମୌଳିକ ବା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ପାଇଁ ରାଜ୍ୟସରକାର ଯେଉଁ ବ୍ୟକ୍ତିଙ୍କୁ ନିଯୁକ୍ତ କରିବେ ସେହିସବୁ ବିଦ୍ୟାଳୟ ସେହିବ୍ୟକ୍ତି ପରିଦର୍ଶନ କରିପାରିବେ ।

ସ୍ଥାନୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ କମିଟିର କାର୍ଯ୍ୟ କରିବେ ।

୧୪ । ଯଦି ଏହି ଆଇନର ବ୍ୟବସ୍ଥାନୁଯାୟୀ ସ୍ଥାନୀୟ କର୍ତ୍ତୃପକ୍ଷ ଗୋଟିଏ ବିଦ୍ୟାଳୟ କମିଟି ନିଯୁକ୍ତ ନ କରନ୍ତି, ଏହି ଆଇନ ଦ୍ୱାରା ବା ତଦନୁଯାୟୀ ଏହିପରି ନିଯୁକ୍ତ କରାଯାଇଥିବା ବିଦ୍ୟାଳୟ କମିଟି ଉପରେ ନ୍ୟସ୍ତ ହୋଇଥିବା ସମସ୍ତ କ୍ଷମତା ସେ ନିଜେ ପ୍ରୟୋଗ କରିବେ ଏବଂ ତାହାଉପରେ ନ୍ୟସ୍ତ ଥିବା ସମସ୍ତ କର୍ତ୍ତବ୍ୟ ନିଜେ ସମ୍ପାଦନ କରିବେ ।

ଏପରି ଆଦେଶ ରଦ କରିବା ପାଇଁ ରାଜ୍ୟ-ସରକାରଙ୍କ କ୍ଷମତା ।

୧୫ । ଯଦି ରାଜ୍ୟସରକାରଙ୍କ ମତରେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଆଇନର କୌଣସି ଆବଶ୍ୟକତା ସମ୍ପର୍କରେ ତ୍ରୁଟି କରିଥାନ୍ତି, ତାହାହେଲେ ରାଜ୍ୟସରକାର ବିଜ୍ଞପ୍ତି ଦେଇ ଏବଂ ତହିଁରେ ଏପରି ଆଦେଶର କାରଣମାନ ଉଲ୍ଲେଖକରି ଧାରା ୪ ଅନୁଯାୟୀ ପ୍ରକାଶିତ କୌଣସି ବିଜ୍ଞପ୍ତିକୁ ରଦ କରି ପାରିବେ କିମ୍ବା ଉଚିତ ବିବେଚନା କରିବା ମତେ ଅନ୍ୟ କୌଣସି ଆଦେଶ ଦେଇ ପାରିବେ ।

ବିଦ୍ୟମାନ ପ୍ରାଥମିକ ବିଦ୍ୟାଳୟମାନଙ୍କ ପ୍ରତି ଏହି ଆଇନର ବ୍ୟବସ୍ଥାମାନଙ୍କର ପ୍ରୟୋଗ ।

୧୬ । ରାଜ୍ୟସରକାର ବିଜ୍ଞପ୍ତି ଦ୍ୱାରା ଏହି ଆଇନରେ ଥିବା ସମସ୍ତ କିମ୍ବା କୌଣସି ବ୍ୟବସ୍ଥା ରାଜ୍ୟରେ ଥିବା ସମସ୍ତ କିମ୍ବା କୌଣସି ପ୍ରାଥମିକ ବିଦ୍ୟାଳୟ ପ୍ରତି ପ୍ରୟୋଗ କରି ପାରିବେ ଏବଂ ତାହା କରାଗଲେ ଏହି ପ୍ରାଥମିକ ବିଦ୍ୟାଳୟ ବା ବିଦ୍ୟାଳୟମାନ ଏହି ଆଇନର ଉଦ୍ଦେଶ୍ୟ ନିମିତ୍ତ ମୌଳିକ ବିଦ୍ୟାଳୟ ରୂପେ ବିବେଚିତ ହେବ ।

ଓଡ଼ିଶା ପ୍ରାଥମିକ ଓ ମୌଳିକ ବିଦ୍ୟାଳୟ ଶିକ୍ଷକ ଭବିଷ୍ୟ-ନିଧି ଗଠନ ଓ ନିୟମ ପ୍ରଣୟନ କ୍ଷମତା ।

୧୬-କ । ଓଡ଼ିଶା ରାଜ୍ୟରେ ସମସ୍ତ ବା କୌଣସି ପ୍ରାଥମିକ ଓ ମୌଳିକ ବିଦ୍ୟାଳୟର ସମସ୍ତ କିମ୍ବା କୌଣସି ଶ୍ରେଣୀର ଶିକ୍ଷକମାନଙ୍କର ହିତାର୍ଥେ ଓଡ଼ିଶା ପ୍ରାଥମିକ ଓ ମୌଳିକ ବିଦ୍ୟାଳୟ ଶିକ୍ଷକ ଭବିଷ୍ୟ-ନିଧି ନାମରେ ଗୋଟିଏ ପାଣ୍ଠି ଗଠନ କରିବା ନିମିତ୍ତ ରାଜ୍ୟ ସରକାରଙ୍କର କ୍ଷମତା ରହିବ ଏବଂ ସେ ନିୟମ ପ୍ରଣୟନ କରି ନିମ୍ନୋକ୍ତ ବିଷୟରେ ବ୍ୟବସ୍ଥା କରିପାରିବେ ; ଯଥା :—

(କ) ପାଣ୍ଠିର ରକ୍ଷଣାବେକ୍ଷଣ ଓ ପରିଚାଳନା ;

(ଖ) ଉକ୍ତ ଶିକ୍ଷକମାନେ କେତେ ଟଙ୍କା ପାଣ୍ଠିକୁ ଅଂଶଦାନ କରିବେ ଏବଂ କିପରି ଭାବରେ ସେହି ଅଂଶଦାନ କଟାଯିବ ।

(ଗ) ଏହି ଅଂଶଦାନ ବାବଦ ଟଙ୍କାର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ; ଏବଂ

(ଘ) ରାଜ୍ୟର ସଞ୍ଚିତ ପାଣ୍ଠିରୁ ଏହି ପାଣ୍ଠିକୁ କେତେ ପରିମାଣ ଅଂଶଦାନ କରାଯିବ ।

ନିୟମ ପ୍ରଣୟନ କ୍ଷମତା ।

୧୭ । (୧) ଏହି ଆଇନର ଉଦ୍ଦେଶ୍ୟ ପାଳନ ନିମିତ୍ତ ରାଜ୍ୟସରକାର ବିଜ୍ଞପ୍ତି ଦ୍ୱାରା ନିୟମ ପ୍ରଣୟନ କରିପାରିବେ ।

(୨) ବିଶେଷତଃ ଏବଂ ପୂର୍ବୋକ୍ତ ବ୍ୟବସ୍ଥାମାନଙ୍କର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ଆଣି, ଏହି ନିୟମାବଳୀ—

(କ) ଧାରା ୨ରେ ଉଲ୍ଲିଖିତ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରି ପାରିବ ।

(ଖ) ଧାରା ୩ ଅନୁଯାୟୀ ଗଠିତ ଓଡ଼ିଶା ମୌଳିକ ଶିକ୍ଷାବୋର୍ଡର କ୍ଷମତା ନିର୍ଦ୍ଧାରଣ କରି ପାରିବ ।

(ଗ) ଧାରା ୪ ଅନୁଯାୟୀ ମୌଳିକ ବା ପ୍ରାଥମିକ ଶିକ୍ଷା ପାଇଁ କେଉଁ ବ୍ୟବସ୍ଥାଗୁଡ଼ିକ ଉଚିତ ବିବେଚିତ ହେବ ତାହା ସାଧାରଣ ଭାବରେ ସ୍ଥିର କରି ପାରିବ ।

(ଘ) କିପରିଭାବରେ ଧାରା ୪ ଅନୁଯାୟୀ ସ୍ଥାନୀୟ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ସନ୍ତୁଷ୍ଟ କରିବେ ଏବଂ ଦରଖାସ୍ତରେ କେଉଁସବୁ ବିବରଣ ଦିଆଯିବ ତାହାର ବ୍ୟବସ୍ଥା କରିପାରିବ ।

(ଙ) କିପରି ଭାବରେ ବିଦ୍ୟାଳୟ କମିଟି ଗଠନ କରାଯିବ, ବିଦ୍ୟାଳୟ କମିଟିର ସଭ୍ୟ ସଂଖ୍ୟା ଏବଂ ସେମାନଙ୍କର କାର୍ଯ୍ୟକାଳ କେତେ ହେବ, ମୌଳିକ ଏବଂ ପ୍ରାଥମିକ ବିଦ୍ୟାଳୟମାନଙ୍କର ଶିକ୍ଷା ସମ୍ବନ୍ଧରେ ନିର୍ଦ୍ଦେଶ ଦେବା ଓ ସେସବୁ ନିୟନ୍ତ୍ରଣ କରିବା ନିମିତ୍ତ କମିଟିର କି କି କର୍ତ୍ତବ୍ୟ ଓ କ୍ଷମତା ରହିବ, କେଉଁ ପ୍ରକାରେ ଏହା କାର୍ଯ୍ୟ ସମ୍ପାଦନ କରିବ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଯଥାସ୍ଥିତ, ଶିକ୍ଷା ସମ୍ପର୍କରେ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ବା ଓଡ଼ିଶା ମୌଳିକ ଶିକ୍ଷାବୋର୍ଡ ସହିତ ଏହାର କି ପ୍ରକାର ସମ୍ପର୍କ ରହିବ ଏବଂ କେଉଁ ପରିସ୍ଥିତିରେ ଧାରା ୪ ଅନୁଯାୟୀ ବିଜ୍ଞପ୍ତି ଜାରି ହୋଇଥିବା କୌଣସି ଅଞ୍ଚଳର କୌଣସି ସ୍ୱତନ୍ତ୍ର ଅଂଶ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ କମିଟି ନିଯୁକ୍ତ କରାଯାଇ ପାରିବ, ତାହା ନିର୍ଦ୍ଧାରଣ କରିପାରିବ ।

ଅଇନର କାର୍ଯ୍ୟକାରିତାର ଅସୁବିଧା ଦୂରୀକରଣ ।

୧୮ । ଯଦି ଏହି ଆଇନର ବ୍ୟବସ୍ଥାମାନ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜେ ରାଜ୍ୟ ସରକାର ପରିସ୍ଥିତି ଦୃଷ୍ଟେ ଅସୁବିଧା ଦୂରୀକରଣ ପାଇଁ ଯାହା ଆବଶ୍ୟକ ମନେ କରିବେ ତାହା କରାଯିବା ପାଇଁ ଆଦେଶ ଦେଇ ପାରିବେ ।

OGP—MP-IX (LAW) 67—1,5000—7-1-1963